**CLASS: IV**

**SUBJECT : ଓଡିଆ**

**CHAPTER NAME : ମାଟି ଗଲା ବିଗିଡି**

**SUBTOPIC : ଉପକ୍ରମ , କାର୍ଯ୍ୟକଳାପ ଓ ବିଷୟ ପଠନ**



Website: www.odmegroup.org
Email: info@odmps.org
Toll Free: **1800 120 2316**
Sishu Vihar, Infocity Road, Patia, Bhubaneswar- 751024

# ମାଟିଗଲା ବିଗିଡ଼ି

ଡ. ନରେନ୍ଦ୍ର ପ୍ର

ODM EDUCATIONAL GROUP
Changing your Tomorrow

ବାପୁ ଓ ଦୀପୁ ଦୁଇ ଭାଇ । ବାପୁ ବଡ଼, ଦୀପୁ ସାନ । ଦୁହେଁ ଗାଁ ସ୍କୁଲ୍‌ରେ ପାଠ ପଢ଼ନ୍ତି । ସେ ଦୁହେଁ ଥରେ ଛୁଟିରେ ତାଙ୍କ ମଉସାଙ୍କ ଘରକୁ ବୁଲି ଯାଇଥିଲେ । ମଉସାଙ୍କ ଘର ଏକ ନଈକୂଳିଆ ମଫସଲ ଗାଆଁରେ। ମଉସାଙ୍କ ବାପା ଥିଲେ ଜଣେ ପାକଲାବୁଢା । ବୟସ ପ୍ରାୟ ଅଶୀ ହେବ । ଏତେ ବୟସରେ ବି ସେ ଟାଣ ଅଛନ୍ତି । ଦାନ୍ତ କେତୋଟି ପଡ଼ିଯାଇଥିଲେ ବି ଆଉ ଯେଉଁ କେତୋଟି ଅଛି, ସେଗୁଡ଼ିକ ବେଶ୍ ମଜବୁତ୍ ଅଛି । ଏବେ ବି ସେଥିରେ ସେ ମକା, କାକୁଡ଼ି ଓ ପିଜୁଳି ଚୋବେଇ ଖାଆନ୍ତି । ଚଷମା ନ ଲଗାଇ ବହି, ଖବରକାଗଜ ପଢ଼ିପାରନ୍ତି । ବାପୁ, ଦୀପୁ ତାଙ୍କୁ ଅଜା ବୋଲି ଡାକନ୍ତି ।

ମଉସାଙ୍କ ଘର ପଛପଟେ ଗୋଟିଏ ବଡ଼ ବଗିଚା । ସେଇ ବଗିଚାରେ କେତେ ଜାତିର ଫୁଲଗଛ ଫଳଗଛ ଲଗାଯାଇଛି । ବରଷର ବାରମାସ ସେଠାରେ ନାନା ପ୍ରକାର ପନିପରିବା ମଧ୍ୟ ଚାଷ କରାଯାଏ । ସେଦିନ ସକାଳେ ବାପୁ,ଦୀପୁ ମଉସାଙ୍କ ଘରେ ପହଞ୍ଚିଲା ବେଳକୁ ଦେଖିଲେ ଅଜା ତାଙ୍କ ବଗିଚାରେ କାମ କରୁଛନ୍ତି । ସେ ମାଟି ହାଣୁଛନ୍ତି, ଘାସ ବାଛୁଛନ୍ତି, ଗଛମୂଳେ ପାଣି ଦେଉଛନ୍ତି । ଭାଇ ଦୁହେଁ ଅଜାଙ୍କୁ ମୁଣ୍ଡ ନୁଆଁଇ ପ୍ରଣାମ କଲେ । ଅଜା ପିଲା ଦୁଇଟିଙ୍କୁ ଦେଖି ଖୁସି ହୋଇଗଲେ । ମୁହଁରୁ ଝାଳ ପୋଛି ଗୋଟିଏ ଗଛ ଛାଇରେ ଯାଇ ବସି ପଡ଼ିଲେ । ବାପୁ,ଦୀପୁଙ୍କର ଭଲମନ୍ଦ ଖବର ସବୁ ପଚାରିଲେ ।

ବାପୁ କହିଲା, "ଅଜା, ଆପଣ ଏ ବୟସରେ ଏତେ ପରିଶ୍ରମ କରୁଛନ୍ତି କାହିଁକି ?"



ODM EDUCATIONAL GROUP
Changing your Tomorrow

ଅଜା କହିଲେ, "ମୋତେ ଅଳସୁଆ ହୋଇ ଘରେ ବସି ରହିବାକୁ ଭଲ ଲାଗେ ନାହିଁ । ସକାଳେ ସଞ୍ଜେ ଦୁଇଓଳି ଏମିତି ଘଣ୍ଟାଏ ଲେଖାଏଁ ବଗିଚାରେ କାମ କରେ । ତା ଦ୍ୱାରା ଦେହ ଭଲ ରହେ, ମନ ଫୂର୍ତ୍ତି ଲାଗେ । ତା ଛଡ଼ା କିଛି ଫଳ, ଫସଲ ମଧ୍ୟ ଅମଳ କରିହୁଏ ।"



ଦୀପୁ କହିଲା, "ଅଜା, ଆପଣ ଘରେ ବସି କିଛି କାମ କରୁ ନାହାନ୍ତି । ଏ ଧୂଳି ମାଟିରେ କାହିଁକି ଘାଣ୍ଟି ହେଉଛନ୍ତି ?"

ଅଜା କହିଲେ, "କ'ଣ କହିଲୁ ? ଧୂଳିମାଟି ? ଆରେ, ଏ ମାଟି ହେଉଛି ଆମ ମାଆ, ଏ ଧୂଳି ହେଉଛି ଚନ୍ଦନ । ଏ ମାଟି ନ ଥିଲେ ଆମେ କେଉଁଠି ଥାଆନ୍ତେ କହିଲୁ ?" ତା' ପରେ ଅଜା ଗୁଣୁଗୁଣୁ ହୋଇ ପାକୁଆ ପାଟିରେ କ'ଣ ପଦେଗୀତ ଗାଇ କୋଡ଼ି କୋଦାଳ ଧରି ଉଠିଲେ । କହିଲେ, "ପିଲାଏ, ଖରା ଟାଣ ହେଲାଣି । ତୁମକୁ ଭୋକ ଲାଗିବଣି । ଚାଲ, ଘରେ ଖିଆପିଆ ସାରି କଥାବାର୍ତ୍ତା ହେବା ।"

ବାପୁ, ଦୀପୁ ସେଦିନ ମଉସାଙ୍କ ଘରେ ରହିଲେ । ମଉସାମାଉସୀ ତାଙ୍କୁ ଖୁବ୍ ସ୍ନେହ ଆଦର କଲେ । ଉପର ଓଳି ଖରା ନଇଁବା ପରେ ଅଜା ପୁଣି ବାହାରିଗଲେ ବଗିଚାକୁ । ବାପୁ, ଦୀପୁ ମଧ୍ୟ ଗଲେ । ଅଜାଙ୍କ ସାଙ୍ଗରେ ମିଶି ସେ ଦୁହେଁ କେତେ କାମ କରି ପକାଇଲେ । ବଗିଚା କାମ ତାଙ୍କୁ ଭାରି ଭଲ ଲାଗିଲା ।

ବାପୁ କହିଲା, "ଅଜା, ଆପଣଙ୍କ ବାଡ଼ିରେ ତ କେତେ ସୁନ୍ଦରସୁନ୍ଦର ଫୁଲ ସବୁ ଫୁଟିଛି, କେତେ ଜାତିର ପରିବା ବି ଫଳିଛି । ଆପଣ କ'ଣ ବେଶୀ ପରିମାଣରେ ସାର ଦେଉଛନ୍ତି ।"

ଅଜା କହିଲେ, "ବେଶି ସାର ଦେଲେ ଯେ ବେଶୀ ଫସଲ ଅମଳ ହେବ, ସେକଥା ଠିକ୍ ନୁହେଁ । କେତେ ଜମିରେ କେତେ ସାର ଦିଆଯିବ, ତାର ଏକ ହିସାବ ଅଛି । ତା' ଛଡ଼ା ବଜାରରେ ଯେଉଁ କୃତ୍ରିମ ସାର ବା ରାସାୟନିକ ସାର ମିଳୁଛି, ସେଇତ ହେଉଛି ସବୁ ଅନିଷ୍ଟର ମୂଳ ।"

ଦୀପୁ କହିଲା, "ସେ ସାର ଦେଲେ ତ ଅଧିକ ଫସଲ ଅମଳ ହେଉଛି । ତାହା ପୁଣି ଅନିଷ୍ଟ କରୁଛି କେମିତି ?"


ODM
EDUCATIONAL GROUP
Changing your Tomorrow

ଅଜା କହିଲେ, " ଶୁଣ ପିଲାଏ, ଆମ ଏଇ ନଈକୂଳିଆ ଗାଆଁଟିର ମାଟି ଆଗେ ଖୁବ୍ ଉର୍ବର ଥିଲା । ମଞ୍ଜିଟାଏ କି ଚାରାଟାଏ ପୋତିଦେଲେ ମନକୁ ମନ କାହିଁରେ କ'ଣ ବଢ଼ିଯାଉଥିଲା । କିଛି ବର୍ଷ ତଳେ ଏ ଅଞ୍ଚଳରେ ଗୋଟାଏ ବଡ଼ ଧରଣର ବାତ୍ୟା ହେଲା । ବାତ୍ୟାରେ ଲୋକମାନଙ୍କର ଘରଦ୍ୱାର ଯାହା ତ ଭାଙ୍ଗିଲା, ତା ସହିତ ଅଧାରୁ ଅଧିକ ବଡ଼ବଡ଼ ଗଛସବୁ ଉପୁଡ଼ି ପଡ଼ିଲା । ବାତ୍ୟା ପରେ କ୍ଷେତବାଡ଼ିରେ ପୋକ ଭର୍ତ୍ତି ହୋଇଗଲେ । ପୋକଙ୍କ ଦାଉରୁ ଫସଲ ରକ୍ଷା କରିବା ପାଇଁ ଚାଷୀମାନେ ମନଇଚ୍ଛା ପୋକମରା ବିଷ ପକାଇଲେ ।"

ବାପୁ କହିଲା, "ସେ ତ ପୋକମରା ଔଷଧ, ତାକୁ ଆପଣ ବିଷ ବୋଲି କାହିଁକି କହୁଛନ୍ତି ?'' ଅଜା ଟିକିଏ ହସିଲେ । କହିଲେ, " ସେ ପ୍ରକୃତରେ ଔଷଧ ନୁହେଁ ଖାଣ୍ଟି ବିଷ । କେବଳ ପୋକ କାହିଁକି ସେଥିରେ କାଉ, ଚିଲ, ବଗ ଭଳି ପକ୍ଷୀଙ୍କ ସହିତ ଗୋରୁଗାଈ, ଛେଳି ମେଣ୍ଢା ଏପରିକି ମଣିଷ ମଧ୍ୟ ମରିଯିବେ ।



ODM EDUCATIONAL GROUP
Changing your Tomorrow

ତାକୁ ଔଷଧ ନ କହି ବିଷ ବୋଲି କହିବା ଠିକ୍ ହେବ ।’’

ଅଜା ପୁଣି କହିଲେ, “ ଲୋକମାନେ କ୍ଷେତବାଡ଼ିରେ ବିଷ ପକାଇବା ଫଳରେ ଅବଶ୍ୟ ଗଛପତରରୁ ପୋକ ମରିଗଲେ; ହେଲେ ଆଉ ଗୋଟାଏ କ୍ଷତି ହେଲା। ମାଟିରୁ ଜିଆମାନେ ମଧ୍ୟ ମରିଗଲେ ।

ପିଲା ଦୁହେଁ ହଠାତ୍ ବୁଝିପାରିଲେ ନାହିଁ ଯେ ମାଟିରୁ ଜିଆମାନେ ମରିଯିବାରୁ କ୍ଷତି କଅଣ ହେଲା ! ଅଜା କହିଲେ, “ବୁଝିଲ, ଜିଆ ହେଉଛି କୃଷକର ପ୍ରକୃତ ବନ୍ଧୁ । ମାଟି ଭିତରେ ଅସଂଖ୍ୟ ଅଣୁଜୀବ ଅଛନ୍ତି। ସେମାନେ ଏତେ କ୍ଷୁଦ୍ର ଯେ ଖାଲି ଆଖିକୁ ଦେଖାଯାଆନ୍ତି ନାହିଁ । ଜିଆମାନେ ମାଟିକୁ ଖୋଳନ୍ତି, ମାଟିକୁ



ଖାଆନ୍ତି। ଜିଆମାନେ ମାଟିକୁ ଖୋଳିଲେ ତାହା ଫସଫସିଆ ହୋଇଯାଏ । ମାଟିକୁ ଫସଫସିଆ କରିବାରେ ଅଣୁଜୀବମାନେ ସାହାଯ୍ୟ କରନ୍ତି । ତା ଫଳରେ ମାଟି ଉର୍ବର ହୋଇଥାଏ।

ବାପୁ,ଦୀପୁ ଆଗ୍ରହରେ ଅଜାଙ୍କ କଥା ଶୁଣୁଥିଲେ । ସେମାନେ ପଚାରିଲେ, “ତା ପରେ କଅଣ ହେଲା ?’’

ଅଜା କହିଲେ, “ ପୋକମରା ବିଷର ପ୍ରୟୋଗ ଫଳରେ ମାଟିରୁ ଜିଆ ମଲେ, ତାଙ୍କ ସହିତ ଉପକାରୀ ଅଣୁଜୀବମାନେ ମଧ୍ୟ ମଲେ । ଫଳରେ ମାଟିର ଜୀବନୀ ଶକ୍ତି ଚାଲିଗଲା । ସେ ଆଉ ଲୋକଙ୍କ

କଥା ଶୁଣିଲା ନାହିଁ । ତା ପରେ ଲୋକମାନେ ମାଟିରେ ଦେଲେ ରାସାୟନିକ ସାର । ଏହା ଦ୍ୱାରା ଫସଲ ସିନା ଭଲ ହେଲା, ମାତ୍ର ମାଟିର ସ୍ୱଭାବଟା ବିଗିଡ଼ିଗଲା । ସାର ଦେଲେ ଫଳିବ, ନ ହେଲେ ନାହିଁ । ତା ସହିତ ପୁଣି ଶାଗପତରଠାରୁ ଆରମ୍ଭ କରି ପନିପରିବା ପର୍ଯ୍ୟନ୍ତ ସବୁଥିରେ ଛିଞ୍ଚାଗଲା ମାରାତ୍ମକ ପୋକମରା ବିଷ । ପ୍ରତିଦିନ ବଜାରରୁ ଆମେ ଯେଉଁ ପନିପରିବା କିଣିକରି ଖାଉଛୁ, ତା ଦେହରେ କେତେ ବିଷ ଲାଗିକରି ରହିଛି ଜାଣିଛ ? ସେ ସବୁ ତ ଆମ ପେଟକୁ ଯାଉଛି । ଆମେ ତ ସବୁଦିନେ ବିଷ ଖାଉଛୁ ।”

ବାପୁ କହିଲା, “ଅଜା, ଆପଣ ରାସାୟନିକ ସାର ଓ ପୋକମରା ବିଷ ବ୍ୟବହାର କରୁନାହାନ୍ତି ?”

ଅଜା ଜୋର ଦେଇ କହିଲେ, “ନା-ନା-ନା । ମୁଁ ଏ ସବୁ କେବେ ବ୍ୟବହାର କରେ ନାହିଁ । ଆମ ପାଖରେ ତ ଢେର ପ୍ରାକୃତିକ ସାର ଅଛି । ପିଡ଼ିଆ, ଗୋବରଖତ, କମ୍ପୋଷ୍ଟ ଖତ ଏସବୁ ହେଉଛି ପ୍ରାକୃତିକ ସାର । ପ୍ରାକୃତିକ ସାର ଦେଲେ ପୋକମରା ବିଷ ପକାଇବା ଦରକାର ହେବ ନାହିଁ । ତା ଫଳରେ ଆମେ ଶୁଦ୍ଧ ଖାଦ୍ୟ ଖାଇବା ।

ଅଜାଙ୍କ ଠାରୁ ଏତେକଥା ଶୁଣିବା ପରେ ବାପୁ ମୁଣ୍ଡରେ ଗୋଟିଏ ପ୍ରଶ୍ନ ଖେଳୁଥିଲା । ବାତ୍ୟାରେ ତ ଗଛ ଉପୁଡ଼ିଲା, ହେଲେ କ୍ଷେତରେ ପୋକ ବଢ଼ିଲେ କାହିଁକି, ଅଜା ତାର ସନ୍ଦେହ ଦୂର କରିବାକୁ ଯାଇ କହିଲେ, “ଗଛରେ ଚଢ଼େଇମାନେ ବସାକରି ରହନ୍ତି । ସେମାନେ ବିଲବାଡ଼ିରୁ ପୋକ ଖାଆନ୍ତି। ବାତ୍ୟାରେ ଗଛ ଉପୁଡ଼ିଯିବାରୁ ସେମାନଙ୍କ ମଧ୍ୟରୁ କେତେକ ମଲେ, ଆଉ କେତେକ ଆଶ୍ରୟହୀନ ହୋଇ ଅନ୍ୟଆଡ଼େ ଉଡ଼ିଗଲେ । ଫଳରେ ପୋକସଂଖ୍ୟା ବଢିଲା ।’’

ଗୋଟିଏ କଥାରୁ ଯେ ଏତେ କଥା ଘଟିଯାଏ, ଏକଥା ଜାଣି ଦୁଇଭାଇ ଚୁପ ରହିଲେ । ଏଥର ଅଜା ଉଠିଲେ । କହିଲେ, “ଚାଲ ପିଲାଏ, ସନ୍ଧ୍ୟା ହୋଇଗଲାଣି ଘରକୁ ଯିବା ।”

# THANKING YOU

# ODM EDUCATIONAL GROUP